## ମା'ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଆସିକା,୪।୫(ସମିସ): ଶନିବାର ଦିନ ଆସିକା ବ୍ଲକ ଖଣ୍ଡଦେଉଳୀ ପଞ୍ଚାୟତ କର୍ଣ୍ଣୋଳୀ ନିକଟସ୍ଥ ନିଗମାନନ୍ଦ ଯୋଗାଶ୍ରମ ପରିସରରେ ମା'ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ପଣ୍ଡିତ ଶିରୋମଣି ହରିହର ଶତପଥୀଙ୍କ ସଂଯୋଜନାରେ କର୍ଣ୍ଣୋଳୀ ସ୍ଥିତ ଗୁରୁପୀଠ ନିଗମାନନ୍ଦ ଯୋଗାଶ୍ରମ ପାହାଡା ଉପରେତାରା ଦେବିଙ୍କ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଛି । ଏହି ଅବସରରେ ନାମ ଯଜ୍ଞ, ଘୃତଯଜ୍ଞ, ଗୋଯଜ୍ଞ, ଜ୍ଞାନ ଯଜ୍ଞ ପ୍ରଭୃତି ଅନୁଷ୍ଠିତ ହେବ । ପ୍ରଥମ ଦିନରେ ଦିକ୍ଷା ଗ୍ରହଣ ଓ ଅଙ୍କୁରୋପୋଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜଳଯାତ୍ରା, ବ୍ରାହ୍ମଣବରଣ, ଶାଳା ପୂଜା ଓ ଅଗ୍ନିସ୍ଥାପନ, ସୂର୍ଯ୍ୟ ପୂଜା, ବନଯାଗ, ଇନ୍ଦ୍ରଇନ୍ଦ୍ରାଣୀ ପ୍ରାଣପ୍ରତିଷ୍ଠା, ହୋମ, ରତ୍ନମୁଦ, ବିଗ୍ରହଧାନନ୍ୟାଧିବାସ, ବିଗ୍ରହମାନଙ୍କ ମହାସ୍ନାନ, ପ୍ରାସାଦ ଅଧିବାସ, ନବ ଯୌବନ ଦର୍ଶନ, ପୂଜା, ହୋମ, ସିଂହାସନାରୋହଣ, ପୂର୍ଣ୍ଣାହୁତି ସାଙ୍ଗକୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତିଭାସନ, ଗଞ୍ଜାମ ଏସ.ପି ଶୁଭେନ୍ଦୁ ପାତ୍ର, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ହିମାଂଶୁ ଶେଖର ନାୟକ, ବିଧାୟକ ସରୋଜ କୁମାର ପାଢି ପ୍ରମୁଖ ଯୋଗ ଦେଇଥିବା ବେଳେ ନିଗମାନନ୍ଦ ଯୋଗାଶ୍ରମ ସଭାପତି ବିଶ୍ୱନାଥ ବିଷୋୟୀ (ଦେଓ), ନିଗମାନନ୍ଦ ବିଦ୍ୟାନିକେତନ ଯୋଗାଶ୍ରମ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମା'କାଲୁଆଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଦିଗପହଣ୍ଡି,୪।୫(ସମିସ): ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ ଅନ୍ତର୍ଗତ କୁରୁବୁଲି ଗ୍ରାମରେ ଦୀର୍ଘ ୫ ଦିନ ଧରି ଚାଲିଥିବା ମା' କାଲୁଆଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଏବଂ ମହାଯଜ୍ଞ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଗାଁ ସାରା ସୁସଜ୍ଜିତ ଆଲୋକସଜ୍ଜା ସାଙ୍ଗକୁ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ଯୋଗୁଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବାସହ ସମଗ୍ର ଗାଁ ଉତ୍ସବ ମୁଖର ହୋଇ ପଡ଼ିଥିଲା । ମନ୍ଦିର ପରିସରରେ ଆୟୋଜିତ ମହାଯଜ୍ଞରେ ପଣ୍ଡିତ ରାଜେନ୍ଦ୍ର ଦାସ ପୌରହିତ୍ୟ କରିଥିଲେ । ପୁରୋହିତ ସୁଧାଂଶୁ ଶେଖର କର, ଗୋପୀନାଥ କର, ବିଧାନ କରଙ୍କ ପୂଜାର୍ଚ୍ଚନା ମନ୍ତ୍ରଧ୍ୱନୀରେ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା । ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସକ ଡ. ବାଳକୃଷ୍ଣ ପଣ୍ଡା, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଦିଗପହଣ୍ଡି ସ୍ଥିତ ମା' ହରିପ୍ରିୟା ଆଶ୍ରମର ମୁଖ୍ୟ ପରିଚାଳକ ଯୋଗୀ ଦେବବ୍ରତ ମହାରାଜ, ସାକା ସୁଜିତ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାଯଜ୍ଞ ପରିଚାଳନା କମିଟି ସଭାପତି ସାମାଞ୍ଚଳ ଗୌଡ଼, ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ ଏବଂ କୁରୁବୁଲି ଗ୍ରାମବାସୀଙ୍କ ସହଯୋଗରେ ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ସମିତି ସଭ୍ୟ ଲଡୁ କିଶୋର ପାତ୍ର, ଖମାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ପୂର୍ବତନ ସରପଞ୍ଚ କୀର୍ତ୍ତୀଚନ୍ଦ୍ର ଗୌଡ଼, ଶିବ ମହାକୁଡ, ଭଗବାନ ଗୌଡ଼, ଡାକ ଗୌଡ଼, ସୁଶାନ୍ତ ପାଇକ, ସୀମାଞ୍ଚଳ ପ୍ରଧାନ ସମେତ ମହାଯଜ୍ଞ ପରିଚାଳନା କମିଟି କର୍ମକର୍ତ୍ତା, ଗ୍ରାମ୍ୟ ଯୁବକ ସଂଘ ସଦସ୍ୟ ଉପସ୍ଥିତ ଥିଲେ ।

## ଶିକ୍ଷୟିତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବେଲଗୁଣ୍ଠା,୪।୫(ସମିସ): ବେଲଗୁଣ୍ଠା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀ ଭାରତୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଆବାହନକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ଗୋପାଳକୃଷ୍ଣ ତ୍ରିପାଠୀ, ନୀଳକଣ୍ଠ ନନ୍ଦ ଓ ଅନନ୍ତ କୁମାର ସେଠୀ ଶ୍ରୀମତୀ ସାହୁଙ୍କ କର୍ତ୍ତବ୍ୟନିଷ୍ଠା ଓ ଶିକ୍ଷାକ୍ଷେତ୍ରରେ ଅବଦାନକୁ ସ୍ମରଣ କରିଥିଲେ । ଶିକ୍ଷକ ଶଙ୍କର ନାରାୟଣ ସେଠୀ ମାନପତ୍ର ପାଠ କରିଥିବା ବେଳେ, ଶିକ୍ଷକ ଛାୟାକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ନୀଳକଣ୍ଠ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୪।୫(ସମିସ): ଧରାକୋଟ ବ୍ଲକ ବିଡିଓ ସଂଗ୍ରାମ କେଶରୀ ଜେନା ଅବସର ଗ୍ରହଣ କରିଛନ୍ତି । ବିଦାୟୀ ସମ୍ବର୍ଦ୍ଧନା ସଭାରେ ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସହକାରି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଚ୍ଛା, ସହକାରି ଯନ୍ତ୍ରୀ ଡି କନ୍ୟା କୁମାରୀ, ବିକ୍ରମ ସୋରେନ, ଚିନ୍ମୟୀ ରାଉତ, ଅର୍ଚ୍ଚନା ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରେମ ରଞ୍ଜନ ମହାପାତ୍ର, ବିଜୟ ଲକ୍ଷ୍ମୀ ସାହୁ, ବିଏଫଓ ସୁରେଶ ବେହେରା, ଜିପିଇଓ ଦେବରାଜ ନାୟକ, ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ, ଏପିଓ ନନ୍ଦିନୀ ଦାସ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କୃଷ୍ଣକାନ୍ତ ପଣ୍ଡା, ଏସିପି ଅମେଶ ବେହେରା, ଆଶୁତୋଷ ସ୍ୱାଇଁ, ସଞ୍ଜୀବ ରାଉଳ, ଦୀପକ ପଟ୍ଟନାୟକ, ସିପି ଲମ୍ବୋଦର ଗୌଡ଼, ବିଏସଏସଓ ସଚିନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମୃତକଙ୍କ ନାଁକୁ ରାସନକାର୍ଡରୁ ବାଦ୍ ଦାବି

### ଜିଲ୍ଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ

ଛତ୍ରପୁର,୪।୫(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସୁନାଥର ପଞ୍ଚାୟତରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଗତ ୬/୭ ବର୍ଷ ଧରି ପଞ୍ଚାୟତର ବହୁ ରାସନକାର୍ଡଧାରୀ ମୃତ୍ୟୁବରଣ କରିଥିବା ବେଳେ ସେମାନଙ୍କୁ ଏ ପର୍ଯ୍ୟନ୍ତ ରାସନକାର୍ଡରୁ ତାଲିକାରୁ ବାଦ ଦିଆଯାଇ ନାହିଁ । ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏନେଇ ପିଇଓ ଏବଂ ବ୍ଲକରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଯୁବ ନେତା ବିଦ୍ୟାଧର ନାହାକ ଓ ଦୁଷ୍ମନ୍ତ ବିସନ୍ତିଆ ଅଭିଯୋଗ କରିଛନ୍ତି । ଏହା ସହିତ ପିଇଓ କୌଣସି କାମ ସଠିକ ଭାବେ କରୁନାହାନ୍ତି । ତାଙ୍କୁ ଏଠାରୁ ବଦଳି କରିବା ନିମନ୍ତେ ସେ ଦାବି କରିଛନ୍ତି । ଏନେଇ ଆଜି ଛତ୍ରପୁର ଠାରେ ଚାଲିଥିବା ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଏକ ଲିଖିତ ସେମାନେ ଅଭିଯୋଗ କରିବା ସହିତ ମୃତ ବ୍ୟକ୍ତି ଏକ ୭୦ ଜଣିଆ ତାଲିକା ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଏହାର ସଠିକ ତଦନ୍ତ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

### ବାଲିଘାଟକୁ ନେଇ ଉତ୍ତେଜନା

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଛତ୍ରପୁର,୪।୫(ସମିସ)



ଧରାକୋଟ ତହସିଲ ଅନ୍ତର୍ଗତ ଲକ୍ଷ୍ମୀପୁର ମୌଜା ବାଲି ଘାଟରୁ ବେଧଡକ ବାଲି ଚାଲାଣକୁ ନେଇ ଲକ୍ଷ୍ମୀପୁର ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ବାଲିଘାଟ ଟେଣ୍ଡରକୁ ବାତିଲ ସକାଶେ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଯଦି ସେମାନଙ୍କ ଦାବୀ ଗୁଡିକ ଯଥାଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତା ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ବାଲିଘାଟରୁ ରାତିରେ ସଂଖ୍ୟାଧିକ ହାଇୱା ଦ୍ୱାରା ବାଲି ଚାଲାଣ ହେଉଛି । ହରିଜନ ସାହି ରାସ୍ତା ମଧ୍ୟରେ ରାତିସାରା ବାଲି ଗାଡି ଚଳପ୍ରଚଳ ହେଉଛି । ଏଣୁ ଲୋକେ ଶୋଇ ପାରୁ ନାହାନ୍ତି, ଘର ଦ୍ୱାର ଧୂଳି ଧୂସର ହୋଇ ରହୁଛି, ଖାଇବା ସମୟରେ ଧୂଳି ଭର୍ତ୍ତି ହେଉଛି, ପରିବାର ଲୋକେ ନିଜ ଘର ଆଗରେ ଚଳପ୍ରଚଳ କରିପାରୁନଥିବା ବେଳେ ନଳକୂପରୁ ପାଣି ସଂଗ୍ରହ କରିବାକୁ ଭୟ ଲାଗୁଛି । ଏଣୁ ସାହି ବାସିନ୍ଦାମାନେ ପୂର୍ବରୁ ଗତ ଗୁରୁବାର ରାତିରେ ବାଲି ବୋଝେଇ ଗାଡିକୁ ଅଟକାଇ ଥିଲେ । ଧରାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ବୁଝାସୁଝା କରିଥିଲା । ପୁଣି ସେମାନେ ଧରାକୋଟ ତହସିଲଦାରଙ୍କୁ ଭେଟି ବାଲିଘାଟ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଏପରିକି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ । ଏଭଳି ସ୍ଥିତିରେ ପ୍ରଶାସନ ଯଦି ଏଦିଗରେ ସଠିକ ଭାବରେ ପଦକ୍ଷେପ ଗ୍ରହଣ ନକରେ ତେବେ ଆଗାମୀ ଦିନରେ ସ୍ଥିତି ବିଗିଡିଯିବାର ସମ୍ଭାବନା ରହିଛି ।

## ନୃସିଂହ ଚତୁର୍ଦ୍ଦଶୀରେ ନାମଯଜ୍ଞ ଓ ଭାଗବତ ସମ୍ମିଳନୀ

ରମ୍ଭା,୪।୫(ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମଲାଡ ଗ୍ରାମର ଶ୍ରୀଚୈତନ୍ୟ କୋଠ ମଣ୍ଡପ ପରିସରରେ ଅଭିରାମ ପରମହଂସ ମଠ ଶାନ୍ତି ଆନନ୍ଦ ଆଶ୍ରମର ମଠାଧୀଶ ବାବାଜୀ ରସାନନ୍ଦ ଦାସଙ୍କ ପୌରହିତ୍ୟରେ ନୃସିଂହ ଚତୁର୍ଦ୍ଦଶୀରେ ୨୭ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମଲାଡ ଗ୍ରାମର ଓଁନମୋ ଭଗବତେ ବାସୁଦେବାୟ ସେବା ସଂସ୍ଥା ଓ ବାସୁଦେବ ପରିବାର ପକ୍ଷରୁ ମୁଖ୍ୟ କର୍ତ୍ତା ରାମୁଡୁ ପଦ୍ମନାଭ ଓ ତାଙ୍କ ଧର୍ମପତ୍ନୀ ରାମୁଡୁ ଆଙ୍କାମାଙ୍କ ଆବାହନ କ୍ରମେ ବିଭିନ୍ନ ନାମ ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ଟୁଙ୍ଗି ସଂସ୍କୃତି ପ୍ରେମୀଙ୍କ ଦ୍ୱାରା ନୃସିଂହ ମହାପ୍ରଭୁଙ୍କ ଜନ୍ମ ତିଥିରେ ମେଳା, ଅଷ୍ଟପ୍ରହର ନାମଯଜ୍ଞ ସହ ଅନ୍ନଯଜ୍ଞ ହୋଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ସଂଗଠନ ସମ୍ପାଦକ ଆର୍.ରାମା ରାଓଙ୍କ ସଂଯୋଜନାରେ ବିଭିନ୍ନ ଭାଗବତ ଟୁଙ୍ଗିର ସଦସ୍ୟଙ୍କୁ ନେଇ ଏକ ଭାଗବତ ସମ୍ମିଳନୀ ହୋଇଥିଲା । ଗଞ୍ଜାମ ବ୍ଲକ୍ ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ସଂପାଦକ ଶେଷଦେବ ବେହେରା, ସହ ସମ୍ପାଦକ କୃଷ୍ଣ ନାୟକ, କୋଷାଧକ୍ଷ କବିରାଜ ପ୍ରଧାନ, ଆଧ୍ୟାତ୍ମିକ ବାଦୀ ଦୁର୍ଯ୍ୟୋଧନ ସାହୁ, କବିରାଜ ସ୍ୱାଇଁ ଓ ମାଲେଶୁ ସନ୍ୟାସୀ ପ୍ରମୁଖଙ୍କ ଉପସ୍ଥିତିରେ ଭାଗବତ ପ୍ରେମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଷ୍ଟ ପ୍ରହର ନାମଯଜ୍ଞରେ ଯୋଗ ଦେଇଥିବା ନାମ ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କୁ ବାସୁଦେବ ପରିବାର ପକ୍ଷରୁ କଳାକାର ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଉତ୍ସାହିତ କରାଯାଇଥିଲା । ଏଥିରେ ବରପଲ୍ଲୀ, କଣ୍ଟିଆପଲ୍ଲୀ, କୁଶପଲ୍ଲୀ, ଅଗସ୍ତି ନୂଆଗାଁ, ନିଳାଦ୍ରୀପୁର, ନୂଆପଲ୍ଲୀ, ବଳଦିଆଡିହ, ଆଣିବନ୍ଧ ଓ ବଡ଼ରାମଚନ୍ଦ୍ରପୁରର ଆଦି ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ପ୍ରେମୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବାସୁଦେବ ପରିବାରର ରାମୁଡୁ ଈଶ୍ୱର ଓ ଡି.ବାୟା ଆଦି ପରିଚାଳନା କରିଥିବାବେଳେ ଡି.ଗାଙ୍ଗାମା, ଡି ଦେବରାଜ, ଆର୍.ସନ୍ତୋଷ, ଆର ଗଣେଶ, ଆର.ଯୋଗେଶ ଓ ଆର୍.ପୂର୍ଣ୍ଣ ସହଯୋଗ କରିଥିଲେ ।



## ଗୋପବନ୍ଧୁ ସେବା ସମିତିର ସହାୟତା

ପାତ୍ରପୁର,୪।୫(ସମିସ): ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ଅଧିନସ୍ଥ ଅଭୟପୁର ଗ୍ରାମର ଅସହାୟ ପୁଷ୍ପା ବେହେରାଙ୍କୁ ଗୋପବନ୍ଧୁ ସେବା ସମିତି ସଦସ୍ୟ ସାକ୍ଷାତ କରି ସହାୟତା ପ୍ରଦାନ କରିଛନ୍ତି । ସ୍ୱାମୀ ଲିମାଇ ଚରଣ ବେହେରାଙ୍କ କିଛି ମାସ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଝିଅଙ୍କୁ ନେଇ ଅସହାୟ ଅବସ୍ଥାରେ ଅଛନ୍ତି । ଖବର ପାଇ ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ଏକ ଟିମ୍ ପୁଷ୍ପାଙ୍କ ଘରେ ପହଞ୍ଚି ଆଠ ହଜାର ଟଙ୍କା, ଦୁଇଟି ଚାଉଳ ପକେଟ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଡାକ୍ତର ପୁରଞ୍ଜିତ ପାତ୍ର, ଡାକ୍ତର ଆଦର୍ଶ ତ୍ରିପାଠୀ, ଯତୀନ ଗୁରୁଜୀ, ଅରୁଣ ପ୍ରଧାନ, ଗୌତମ ରଣା, ବି. ଏଙ୍କଟି ରାଓ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।



## ପାଲା କଳାକାରଙ୍କୁ ଉତ୍ସାହିତ କଲେ ଜିଲ୍ଲାପାଳ



ପୁରୁଷୋତ୍ତମପୁର,୪।୫(ସମିସ): ନବ କଳିକା ପାଲା ଗାୟିକା ପ୍ରେମଲତା ସାମନ୍ତରାୟ ୧୪ ବର୍ଷ ବୟସରୁ ମା'ଶାରଳାଙ୍କ ଆଶ୍ରିବାଦରୁ ସତ୍ୟନାରାୟଣ ପାଲାରେ ଗୀତ ଗାଇବା ଆରମ୍ଭ କରିଥିଲେ । ଏହାପରେ ସେ ଆଉ କେବେ ପଛକୁ ବୁଲି ଚାହିଁନାହାନ୍ତି । ନିଜର ଜୀବନକାଳ ମଧ୍ୟରେ କେବଳ ଗଞ୍ଜାମ ଜିଲ୍ଲା ନୁହେଁ ବରଂ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ ଭଳି ବିଭିନ୍ନ ରାଜ୍ୟକୁ ଯାଇ ମଧ୍ୟ ସତ୍ୟନାରାୟଣ ପାଲା ଗୀତ ଗାଇ ନିଜ ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି । ତାଙ୍କୁ ମେ ପହିଲାରେ ୭୧ ବର୍ଷ ଛୁଇଁଥିବା ବେଳେ ଏହି ଅବସରରେ ତାରାତାରିଣୀ ଛକ ବଣିକ ସଂଘ ପକ୍ଷରୁ ତାଙ୍କ ୭୧ତମ ଜନ୍ମଦିନରେ ସ୍ଥାନୀୟ ଛକରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଯୋଗଦେଇ ଲୁପ୍ତାୟିତ କଳା ସଂସ୍କୃତିକୁ ପାଲା ମାଧ୍ୟମରେ ପରିବେଷଣକୁ ପ୍ରଶଂସା କରି ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା, ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଉପଖଣ୍ଡସ୍ତରୀୟ ପୁଲିସ ଅଧିକାରୀ ସୁଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାରାତାରିଣୀ ବଣିକ ସଂଘ ସଭାପତି ରବିନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ସୁଦାମ ସାସମଲଙ୍କ ସମେତ ସମସ୍ତକର୍ମକର୍ତ୍ତା ଉପସ୍ଥିତ ରହି ଶ୍ରୀମତି ସାମନ୍ତରାୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ । ତାରାତାରିଣୀ ଛକର ବାସିନ୍ଦା ସହଯୋଗ କରିଥିଲେ । ପରିଶେଷରେ ପରିବାର ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା ।

## ରାସ୍ତା ମରାମତି ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର

ଛତ୍ରପୁର,୪।୫(ସମିସ): ଚଳିତ ବର୍ଷ ପ୍ରବଳ ଖରା ହେବାକୁ ଯାଉଛି । ପାଣିର ଘୋର ଅସୁବିଧା ହେବାର ରହିଛି । ଏଣୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ରିକାପଲ୍ଲୀ ଡାଲଡାମିଲ ସାହିର ନୂତନ ଭାବେ ନିର୍ମିତ ସମସ୍ତ ଘରକୁ ପାଇପ ଯୋଗେ ଜଳ ଯୋଗାଣ ନିମନ୍ତେ ୧୨ନଂ ୱାର୍ଡ କାଉନସିଲର ବି. ନିଶ୍ଚଳା ସ୍ୱାମୀ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରିକାପଲ୍ଲୀ ହାଟ ବ୍ୟାରେକ ସାହି ନିକଟରୁ ଡାଲଡା ମିଲ କଲ୍ପ ବାସିନୀ ମନ୍ଦିର ପିଚୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଗଲାଣି । ଏହାର ମରାମତି ନିମନ୍ତେ ମଧ୍ୟ ସେ ଉକ୍ତପତ୍ରରେ ଉଲ୍ଲେଖ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ବି. ଗୋପାଳ ସ୍ୱାମୀ ଓ ମାଙ୍ଗେଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ତାଲା ଭାଙ୍ଗି ଟଙ୍କା ସହ ଅଲଙ୍କାର ଲୁଟ୍

ରଙ୍ଗେଇଲୁଣ୍ଡା,୪।୫(ସମିସ): ଗୋଳନ୍ଥରା ଅଞ୍ଚଳରେ ଏକ ତାଲା ବନ୍ଦ ଘର ଗ୍ରିଲ ଭାଙ୍ଗି ଦୁର୍ବୃତ୍ତ ନଗଦ ୫ ଲକ୍ଷ ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୁଲିସ ସୂଚନା ଅନୁସାରେ ରଣ୍ଡା ଗ୍ରାମ ରାଉଳ ସାହିର ଆନନ୍ଦ ରାଉଳ ରବିବାର ସପରିବାର କୀର୍ତ୍ତିପୁର ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ରାତି ହୋଇଯିବାରୁ ସେଠାରେ ରହି ଯାଇଥିଲେ । ସୋମବାର ସକାଳ ୯ଟାରେ ଆନନ୍ଦ ନିଜ ଘରକୁ ଫେରି ଦେଖିବାକୁ ପାଇଲେ ଘର ଗ୍ରିଲ ତାଲା ଭଙ୍ଗା ଓ ଭିତର କବାଟ ଭଙ୍ଗା ଯାଇଛି । ଭିତରକୁ ଯାଇ ଦେଖିବା ବେଳେ ଘର ଆଲମାରୀ ଭଙ୍ଗା ହୋଇଥିବା ସହ ଆସବାସ ପତ୍ର ଏଣେ ତେଣେ ପଡିଛି । ଏନେଇ ସେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଅଧିକାରୀ ସିଲୁ ଧଳ ପୁଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଛନ୍ତି । ଆନନ୍ଦଙ୍କ ଘରେ ଥିବା ନଗଦ ୫ ଲକ୍ଷ ଟଙ୍କା, ୫ ଭରି ସୁନା ଅଳଙ୍କାର ରୂପା ୩ ଭରି ସହ ଘରର ଦସ୍ତାବିଜ ଏବଂ ବ୍ୟାଙ୍କ ଖାତା ଇତ୍ୟାଦି ଚୋରି ହୋଇଥିବା ନେଇ ଆନନ୍ଦ ଏତଲାରେ ଦର୍ଶାଇ ଥିବା ଜଣାପଡିଛି । ଏନେଇ ଗୋଳନ୍ଥରା ଥାନା କେଶନଂ ୧୬୭/୨୬ ପ୍ରକାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁଯାଇ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଅପରିଚିତ ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୪।୫(ସମିସ): ଦିଗପହଣ୍ଡି ଥାନା ବନ୍ଧପଲ୍ଲୀ ଗ୍ରାମ ଶ୍ରୀ ନାଗେଶ୍ୱର ଶିବ ମନ୍ଦିର ନିକଟରୁ ସୋମବାର ସନ୍ଧ୍ୟାରେ ପୋଲିସ ଜଣେ ୪୦ ବର୍ଷୀୟ ଯୁବକ ଙ୍କ ମୃତଦେହ ଜବତ କରିଥିବା ଜଣାପଡିଛି । ସନ୍ଧ୍ୟା ପ୍ରାୟ ୫ ଟାରେ ଗ୍ରାମର କିଛି ବ୍ୟକ୍ତି ମନ୍ଦିର ରାସ୍ତାରେ ଯାଉଥିବା ବେଳେ ଜଣେ ଯୁବକଙ୍କ ମୃତଦେହ ମନ୍ଦିର ପାଖ ରାସ୍ତାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ । ଖବରପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ପଠାଇଛନ୍ତି । ମୃତକଙ୍କ ପରିଚୟ ପୋଲିସକୁ ମିଳିପାରିନଥିବା ବେଳେ ଯୁବକଙ୍କୁ ହତ୍ୟା କରାଯିବା ପରେ ସେଠାରେ ଫୋପାଡି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି । ଏନେଇ ଥାନା ଅପମୃତ୍ୟୁ ମାମଲା ନଂ. ୨୪/୨୬ ପ୍ରକାରେ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି ।

## ବିଧାୟକଙ୍କ ଦ୍ୱାରା ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ପାତ୍ରପୁର,୪।୫(ସମିସ): ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶନିବାର ୪ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ସାମନ୍ତିଆପଲ୍ଲୀ ଠାରୁ ଏକ ବିଶାଳ ବାଇକ୍ ରାଲିରେ ବାହାରି ପ୍ରଥମେ ଜୟନ୍ତୀପୁର ଠାରୁ ଅରଖଭଦ୍ରା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାୟ ୭୦ ଲକ୍ଷ ଟଙ୍କାର ଭିତ୍ତି ପ୍ରସ୍ତର ଦେଇଥିବା ବେଳେ ପ୍ରାୟ ୧ କୋଟି ୧୮ ଲକ୍ଷ ଟଙ୍କାର ବରଙ୍ଗ ଠାରୁ ଖଣ୍ଡପଲେରୀ ପର୍ଯ୍ୟନ୍ତ ରାସ୍ତାର ଭିତ୍ତି ପ୍ରସ୍ତର କରଯାଇଥିଲା । ସେହିଭଳି ପ୍ରାୟ ୫୪ ଲକ୍ଷ ଟଙ୍କାର ପୀତାମ୍ବରପୁର ଠାରୁ ଗଙ୍ଗାଧରପୁର ପର୍ଯ୍ୟନ୍ତ ରାସ୍ତା ଓ ପ୍ରାୟ ୧ କୋଟି ୬୮ ଲକ୍ଷ ଟଙ୍କାର ପାର୍ବତୀପୁର ଠାରୁ ଭୈରପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ବରଙ୍ଗ ସରପଞ୍ଚ ଭି. ଦେବୀ ପ୍ରସାଦ, ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ, ତଣ୍ଡିପୁର ସମିତି ସଭ୍ୟ ରାମକୃଷ୍ଣ ନାୟକ, ସାମନ୍ତିଆପଲ୍ଲୀ ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ, ପାତ୍ରପୁର ସରପଞ୍ଚ ସଦାନନ୍ଦ ନାୟକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ଲୋକ ଉପସ୍ଥିତ ଥିଲେ । ଏସଡିଓ ସମ୍ବିତ ଜେନା, କନିଷ୍ଠ ଯନ୍ତ୍ରୀ ସୁମନ୍ତ ମହାନ୍ତି ଓ ପୀତବାସ ନାୟକ, ରଘୁନାଥ ପଣ୍ଡା ପ୍ରମୁଖ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ରାସ୍ତା ନିର୍ମାଣ ହେବା ଦ୍ୱାରା ଆନ୍ଧ୍ର ଓଡିଶା ଯାତ୍ରା ସୁଗମ ହେବ ଯାହା ସୀମାନ୍ତ ଅଞ୍ଚଳବାସୀ ଅନେକ ଦିନର ଦାବି ଥିଲା ବୋଲି ବିଧାୟକ ଶ୍ରୀ ସାମନ୍ତରା ପ୍ରକାଶ କରିଥିଲେ ।

### ଯୌତୁକଜନିତ ବଧୂହତ୍ୟା ଘଟଣା

# ୩ ମାସ ପରେ ଶଶୁର, ଦିଅର ଗିରଫ

ଦିଗପହଣ୍ଡି,୪।୫(ସମିସ): ଦିଗପହଣ୍ଡି ବ୍ଲକ ଜକରାପଲ୍ଲୀ ଗ୍ରାମର ଅଜିତ ବିଷୋୟୀଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବିଷୋୟୀଙ୍କୁ ଗତ ଫେବୃଆରୀ ୪ ତାରିଖରେ ଅଧିକ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରବିବାର ସନ୍ଧ୍ୟାଙ୍କ ଶଶୁର ନିରଞ୍ଜନ ବିଷୋୟୀ ଓରଫ ନୀର (୫୯) ଏବଂ ଦିଅର ବିଜୟ ବିଷୋୟୀ ଓରଫ ବିଜୁ(୨୬)ଙ୍କୁ ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଥାନା ମାମଲା ନଂ.୩୯/୨୬ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ୨୦୨୧ ଡିସେମ୍ବର ୧୧ ତାରିଖରେ ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ଜକରାପଲ୍ଲୀ ଗ୍ରାମର ନିରଞ୍ଜନଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ । ବିବାହ ବେଳେ ଶଶୁର ଘର ଲୋକଙ୍କ ଦାବି ପ୍ରକାରେ ଯୌତୁକ ଦିଆଯାଇଥିଲା । ବିବାହର କିଛି ଦିନ ସୁଖ ଶାନ୍ତିରେ କଟିବା ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶଶୁର ଘର ଲୋକେ ସନ୍ଧ୍ୟାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ । ଫଳରେ ସନ୍ଧ୍ୟାଙ୍କୁ ପ୍ରାୟତଃ ବାପଘରେ ରହିବାକୁ ପଡୁଥିଲା । ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ପୂର୍ବେ ନିଜ ଗାଁକୁ ଫେରିବା ପରେ ତାଙ୍କ ସ୍ତ୍ରୀ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକଙ୍କୁ ଅନୁରୋଧ କରିଥିଲେ ।

ଗତ ଫେବୃଆରୀ ୧ ତାରିଖରେ ବାପ ଘର ଲୋକେ ସନ୍ଧ୍ୟାଙ୍କୁ ଜକରାପଲ୍ଲୀ ଗାଁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ । ତେବେ ପୁଣି ଥରେ ତାଙ୍କୁ ନିର୍ଯାତନା ଦିଆଯାଇ ଜୋର ଜବରଦସ୍ତ ବିଷ ଖୁଆଇ ଦିଆଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଫେବୃଆରୀ ୪ ତାରିଖ ପୂର୍ବାହ୍ନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ଉପସ୍ଥିତ ଡାକ୍ତର ସନ୍ଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା' ସବିତା ସ୍ୱାଇଁ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ତତ୍କାଳୀନ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମକଦ୍ଦମା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ଏହି ଘଟଣାରେ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତଙ୍କୁ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୋଫିଆ ମିଶ୍ର ଗିରଫ କରି କୋର୍ଟଚାଲାଣ କରିଥିଲେ । ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୋଫିଆ ମିଶ୍ରଙ୍କୁ ହଟାଇ ଚିକିଟି ଏସଡିପିଓଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ଗତ ମାର୍ଚ୍ଚ ୨୪ ତାରିଖରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଘଟଣା ପରଠାରୁ ଅଭିଯୁକ୍ତ ମାନେ ଫେରାର ଥିଲେ । ସେ ଦୁହେଁ ଗାଁକୁ ଫେରିଥିବା ଖବର ପାଇ ତଦନ୍ତକାରୀ ଅଧିକାରୀ ଏସଡିପିଓ ସଦଳବଳେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ଉ କରି ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ।



# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଛତ୍ରପୁର,୪।୫(ସମିସ):** ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଜିଲ୍ଲାପାଳ ଭି. କୀର୍ତ୍ତିଭାଷନ ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଭେଟି ଅବଗତ କରାଇଛନ୍ତି । ଜିଲ୍ଲାପାଳ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ସହିତ ତତକ୍ଷଣିତ ସେମାନଙ୍କ ସମସ୍ୟା ଗୁଡିକ ସମାଧାନ କରିଥିବାର ଦେଖିବାକୁ ମିଳିଥିଲା । ଖରାକୁ ଦୃଷ୍ଟିରେ ସକାଳ ୭ରୁ ୧୦ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ରହିଥିବା ବେଳେ ସେଥିମଧ୍ୟରୁ କିଛି ଅଧିକାରୀ ଅନୁପସ୍ଥିତ ରହିଥିଲେ । ତେବେ ଆଜିର ଶିବିରରେ ଯେଉଁ ଅଧିକାରୀ ମାନେ ବିନା ସୂଚନାରେ ଅନୁପସ୍ଥିତ ରହିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ଶିବିରରେ ମୁଖ୍ୟତଃ ସ୍ୱାସ୍ଥ୍ୟ ସମସ୍ୟା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା, ସୁଭଦ୍ରା ଯୋଜନା, ରାସ୍ତାନିର୍ମାଣ, ଜମିଜମା, ପାନୀୟ ଜଳ ସମସ୍ୟା, ରାସନ କାର୍ଡ ଭଳି ବିଭିନ୍ନ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି । ଜିଲ୍ଲାପାଳ ଉପସ୍ଥିତ ରହି ୮୭ଟି ଅଭିଯୋଗର ଶୁଣାଣି କରିଥିଲେ । ଏହା ସହିତ ୧୨ଜଣଙ୍କୁ ରେଡକ୍ରସ ପାଣ୍ଠି ରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ସଚ୍ଚିଦାନନ୍ଦ ନାୟକ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**କୋଦଳା,୪।୫(ସମିସ):** କୋଦଳା ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗଣେଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ଏଥି ସହିତ ୫ ଜଣ ମହାପୁରୁଷ ଯଥା ଉତ୍କଳ ଗୌରବ ମଧୁସୂଦନ ଦାସ, ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମାଝୀଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡୀ, ସେଠାରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ସବିତା କୁମାରୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟର ଏ୧ ଗ୍ରେଡ ରଖି ଅଞ୍ଚଳ ପାଇଁ ଗୌରବ ଆଣିଥିବା ଦୁଇ ଛାତ୍ରୀ ଅର୍ଚ୍ଚିତା ପାଢ଼ୀ ଓ ଲିପ୍ସା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି ଉଭୟ ଛାତ୍ରୀ । ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅହରହ ଚେଷ୍ଟା କରୁଛୁ ଏବଂ ଆଗାମୀ ଦିନରେ ଆହୁରି ଅଧିକ ଛାତ୍ରଛାତ୍ରୀ କିପରି ଭଲ ଅଧ୍ୟୟନ କରିବେ ତାହା ଆମର ପ୍ରାଥମିକତା ହେବ ବୋଲି କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ମାଝୀ ।

# ରମ୍ଭା ଚନ୍ଦନ ଯାତ୍ରାରେ ଅବ୍ୟବସ୍ଥା

**ରମ୍ଭା,୪।୫(ସମିସ):** ଦକ୍ଷିଣ ଓଡିଶା ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ସୋମବାର ଦିନ ଠାରୁ ଶୁଭାରମ୍ଭ ହୋଇଛି । ଏହି ଯାତ୍ରା ଆସନ୍ତା ୧୦ରିଖ ପର୍ଯ୍ୟନ୍ତ ଚାଲିବ । ଯାତ୍ରାର ପ୍ରଥମ ଦିବସରେ ଡହ ଡହ ଖରା ସାଙ୍ଗକୁ ଗରମ ଲାଗି ରହିଛି । ଗହଳି ଚହଳି ସାଙ୍ଗକୁ ମନୋହର ସାମଗ୍ରୀ, ମେଢ଼, ପସରା ସହିତ ଚିକମିକ ଆଲୋକମାଳା ସହରକୁ ସଜେଇ ଦେଇଛି । ହେଲେ ପ୍ରଶାସନ ପକ୍ଷରୁ ଲୋକଙ୍କ ଲାଗି ପାନୀୟ ଜଳ ବ୍ୟବସ୍ଥା କରାଯାଇନଥିବା ବେଳେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖାଦେଇଛି ।

## ଅଭିଯୋଗ ଶୁଣାଣିରେ ରହୁନାହାନ୍ତି ଜିଲ୍ଲା ମୁଖ୍ୟ

# ଲୋକେ ଗୁହାରି କରିବେ କାହାକୁ?

**ପାରଳାଖେମୁଣ୍ଡି,୪।୫(ସମିସ):**

ଗଜପତି ଜିଲ୍ଲା ପ୍ରଶାସନିକ କଳ ନାହିଁ ନାହିଁ ରେ ଚାଲିଛି । ଜନସାଧାରଣ ନିଜ ଅଭିଯୋଗ କିମ୍ବା ସାମୂହିକ ଅଭିଯୋଗ ଧରି ଆସୁଛନ୍ତି । ହେଲେ ଜିଲ୍ଲା ମୁଖ୍ୟ ଉପସ୍ଥିତ ରହୁନଥିବାକୁ ନେଇ ନିରାଶ ହୋଇ ଫେରୁଛନ୍ତି । ଏମିତିକି ଉତ୍ସବ ହେଉ କି ମହୋତ୍ସବ ଠାରୁ ଆରମ୍ଭ କରି ମନ୍ତ୍ରୀ, ଲୋକ ପ୍ରତିନିଧି, ରାଜ୍ୟସ୍ତରର ଉଚ୍ଚପଦସ୍ଥ ଅଧିକାରୀ ଜିଲ୍ଲା ଗସ୍ତରେ ଆସୁଥିଲେ ମଧ୍ୟ ଜିଲ୍ଲାମୁଖ୍ୟଙ୍କ ଦେଖାମିଳୁନି । ଭାରପ୍ରାପ୍ତ ଅଧିକାରୀ କିମ୍ବା ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ମିଳୁଛି । ବିଶେଷ କରି ଡବଲଇଞ୍ଜିନ ସରକାର ଶାସନ ଗାଦିକୁ ଆସିବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ କିମ୍ବା ଅସୁବିଧାର ସମ୍ମୁଖୀନ ହେଉଥିବା ନାଗରିକ ପ୍ରତି ସପ୍ତାହରେ ନିଜ ସମସ୍ୟା, ନିଜ ଅଞ୍ଚଳ ସମସ୍ୟା କିମ୍ବା ଜିଲ୍ଲାର ସାମୂହିକ ସମସ୍ୟା ଅଥବା ଜିଲ୍ଲାର ବିକାଶକୁ ନେଇ କିଛି ଦାବି ଉପସ୍ଥାପନ କରିବା କିମ୍ବା ଗୁହାରି ଜଣାଇବାକୁ ଆସିଥାନ୍ତି । ହେଲେ ବହୁ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ କିମ୍ବା ବିଭାଗୀୟ ଅଧିକାରୀ ଠିକ ସମୟରେ ଅନୁପସ୍ଥିତି ଯୋଗୁଁ ସେମାନେ ହତାଶ ହୋଇ ଫେରିବାକୁ ପଡୁଛି । ଜିଲ୍ଲାରେ ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାମୁଖ୍ୟ । କିନ୍ତୁ ଦୁର୍ଭାଗ୍ୟର କଥା ଗଜପତି ଜିଲ୍ଲାପାଳ ଗତ ଜାନୁଆରୀ ମାସରେ ଦାୟିତ୍ୱ ଭାର ଗ୍ରହଣ କରିବାର ୩ମାସ ହେଲାଣି । ଏହି ତିନିମାସ ମଧ୍ୟରେ ଅନେକ ସରକାରୀ କାର୍ଯ୍ୟକ୍ରମ ହୋଇଛି । ଲୋକ ପ୍ରତିନିଧିଙ୍କୁ ନେଇ ଜିଲ୍ଲାପରିଷଦ ବୈଠକ ହୋଇଛି । ବିଦ୍ୟାଳୟ ଗେଟ୍ ପଡି ୨ ଜଣ ଛାତ୍ରୀ ମୃତ୍ୟୁ ଘଟଣା ଭଳି ସ୍ପର୍ଶକାତର ଘଟଣା ଘଟିଲାଣି । ଏଭଳିକି ଶିଶୁ ସୁରକ୍ଷା ଅଧକ୍ଷା ଆସି ଘଟଣାର ସରଜମିନ ତଦନ୍ତ କରି ନିର୍ଦ୍ଦେଶ ଦେଇ ଯାଇଥିଲେ ମଧ୍ୟ ଏସବୁ ଘଟଣାରେ ଜିଲ୍ଲାପାଳଙ୍କ ଦେଖାମିଳୁନି । ଜିଲ୍ଲା ପ୍ରଶାସନିକ ମୁଖିଆଙ୍କ ସମୟାନୁସାରେ ଦେଖା ମିଳୁନଥିବା କିମ୍ବା ଯୋଗ ଦେଉନଥିବା ଯୋଗୁଁ ଦାୟିତ୍ୱ ତୁଲାଉଥିବା ଅଧିକାରୀ କିମ୍ବା ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଅଧିକାରୀ ସମସ୍ୟାର ସମାଧାନ ନିମନ୍ତେ ନିର୍ଣ୍ଣାୟକ ପଦକ୍ଷେପ ନେଇପାରୁ ନାହାନ୍ତି । ଫଳରେ ଲୋକେ ବାରମ୍ବାର ଅଭିଯୋଗ କରି ହନ୍ତସନ୍ତ ହେଉଛନ୍ତି । ଜିଲ୍ଲାପାଳ ଜିଲ୍ଲାର ବିକାଶ ନିମନ୍ତେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ନା ନାହିଁ, ଯଦି ଅବଗତ ରହିଛନ୍ତି ତେବେ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ଓ ତଦନ୍ତ କରୁଛନ୍ତି ନା ନାହିଁ ତାହା ପ୍ରଶ୍ନ ହୋଇଛି ।

ଜିଲ୍ଲାରେ ଜାନୁଆରୀ ମାସରେ ଖରିଫ ଧାନ କିଣାରେ ଅନେକ ସମସ୍ୟା ଦେଖା ଦେଇଥିଲା । ବହୁ ଚାଷୀ ନିଜ ଗୁହାରି ଜିଲ୍ଲାପାଳଙ୍କୁ ଜଣାଇବାକୁ ଚାହୁଁଥିଲେ ମଧ୍ୟ ଭେଟିନପାରି ନିରାଶ ହୋଇ ଶାଗମାଛ ଦରରେ ଧାନ ପୋଡଶୀ ଆନ୍ଧ୍ର ଦଲାଲଙ୍କୁ ବିକିବାକୁ ବାଧ ହୋଇଥିଲେ । ଜିଲ୍ଲାରେ ସ୍ଥାୟୀ ଆରକ୍ଷୀ ଅଧୀକ୍ଷକ, ନିୟମିତ ଜିଲ୍ଲା ଯୋଗାଣ ଅଧିକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି । ଆରକ୍ଷୀ ଅଧୀକ୍ଷକ ପଦ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାରପ୍ରାପ୍ତ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଯୋଗାଣ ଅଧିକାରୀ ଭାବେ ଉପଜିଲ୍ଲାପାଳ ଦାୟିତ୍ୱ ତୁଲାଉଛନ୍ତି । ରାଜସ୍ୱ ଓ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜଣେ ଅଧିକାରୀ ତୁଲାଉଥିଲେ ସ୍ଥିତି କିଭଳି ରହୁଥିବ ତାହା ସହଜରେ ଅନୁମାନ କରାଯାଇପାରେ ବୋଲି କୁହାଯାଇଛି । ସୁରକ୍ଷାକୁ ଯଦି ନଜର ଦିଆଯାଏ ତାହାହେଲେ ଜିଲ୍ଲାରେ ଆରକ୍ଷୀ ଅଧିକାରୀଙ୍କ ସ୍ଥାନ ଖାଲିପଡିଛି । ଅତିରିକ୍ତ ଆରକ୍ଷୀ ଅଧିକାରୀ ଦାୟିତ୍ୱରେ ରହିଛନ୍ତି । ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯଦି ଅଧିକାରୀଙ୍କ ପଦ ଖାଲି ପଡେ କିମ୍ବା ଗୁରୁଦାୟିତ୍ୱ ଥିବା ଅଧିକାରୀ ଓ ଜିଲ୍ଲା ମୁଖିଆ ତଥା ଜିଲ୍ଲାପାଳଙ୍କ ଯଦି ସବୁ କ୍ଷେତ୍ରରେ

## ନାହିଁ ନାହିଁରେ ଚାଲିଛି ଜିଲ୍ଲା ଶାସନ କଳ

ଦେଖାମିଳୁନଥିବ ତେବେ ଜିଲ୍ଲାର ସରକାରୀ କଳ ଚାଲିବ କେମିତି ବୋଲି ଜନସାଧାରଣରେ ପ୍ରଶ୍ନ ହେଉଛି । ଏଭଳି ସ୍ଥିତି ଯୋଗୁଁ ଲୋକେ ନିଜ ସମସ୍ୟାର ସମାଧାନ ବାଟ ନପାଇ ଜନ ଅସନ୍ତୋଷ ଘନେଇବାରେ ଲାଗିଛି । ରାଜ୍ୟ ସରକାର ଗଜପତି ଜିଲ୍ଲାକୁ ଅଣଦେଖା କରୁଥିବା ଆଭିଯୋଗ ହେଉଛି । ଗଜପତି ସବୁବେଳେ ଶାନ୍ତି ପ୍ରିୟ ଜିଲ୍ଲା । କୌଣସି ଅଶାନ୍ତକର ପରିସ୍ଥିତି ଉପୁଜିବା ପୂର୍ବରୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଜିଲ୍ଲା ମୁଖିଆଙ୍କ ଅନୁପସ୍ଥିତିରେ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣିରେ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି । ସମୟ ହୋଇଗଲା ଆଉ ଅଭିଯୋଗ ଗ୍ରହଣ କରନାହିଁ ବୋଲି ଜଣେ ଅଧିକାରୀ କର୍ମଚାରୀଙ୍କୁ କହୁଥିବା କେତେକ ଅଭିଯୋଗକାରୀ କହିଛନ୍ତି । ଏନେଇ ଅଭିଯୋଗ କରିବାକୁ ଆସିଥିବା କେତେକ ଲୋକେ କହିଛନ୍ତି ଯେ ଦୂରଦୂରାନ୍ତରୁ ଆସୁ ଆସୁ ଟିକିଏ ବିଳମ୍ବ ହୋଇଗଲା । କର୍ମଚାରୀ ଆଉ ଅଭିଯୋଗପତ୍ର ଗ୍ରହଣ କଲେ ନାହିଁ । ଜଣେ ସରକାରୀ ବାବୁ ଆସି ଏହି ଅଭିଯୋଗ ପ୍ରକୋଷ୍ଠ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ସମୟ ରହିଥିବା ବେଳେ ଆପଣମାନେ କାହିଁକି ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ବୋଲି ପଞ୍ଜୀକରଣ କରୁଥିବା କର୍ମଚାରୀଙ୍କୁ କହିଥିଲେ । ଏହି ସମୟରେ କିଛି ସମୟ ପାଇଁ ସେଠାରେ ସାମାନ୍ୟ ଯୁକ୍ତିତର୍କ ମଧ୍ୟ ହୋଇଥିଲା । ଆମ୍ଭେ ବିଳମ୍ବରେ ଆସିଥିବାରୁ ଅଭିଯୋଗପତ୍ର ଗ୍ରହଣ କରିବାକୁ ମନା କରୁଛନ୍ତି, ହେଲେ ସରକାରୀ ବାବୁମାନେ ତ ସକାଳ ୯ ଘଣ୍ଟା ପର୍ଯ୍ୟନ୍ତ ଆସିନଥିଲେ । ଆମ୍ଭେ ଏ ଗୁହାରି କାହାକୁ କହିବୁ ବୋଲି ଏପରି କିଛି ଯୁକ୍ତିତର୍କ ପରେ ବିଳମ୍ବରେ ଆସିଥିବା ଅଭିଯୋଗକାରୀଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଏଠାରେ ମୁଖ୍ୟ କରି ଜିଲ୍ଲା ମୁଖିଆଙ୍କ ଅନୁପସ୍ଥିତି ଯୋଗୁଁ ଅନ୍ୟାନ୍ୟ ସରକାରୀ ବାବୁ ଲୋକଙ୍କୁ ନାଲିଆଖି ଦେଖାଉଥିବା ଆଲୋଚନା ହେଉଛି । ଆଜି ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୭୩ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୬୨ ରହିଥିବା ବେଳେ ସାମୂହିକ ଅଭିଯୋଗ ୧୧ ରହିଥିଲା । ଏହି ଅବସରରେ ୮ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ କରାଯାଇଛ ।

# ଘରୋଇ ହିଂସା ବିରୋଧରେ ଗୋଷ୍ଠୀ କୈନ୍ଦ୍ରିକ ଆଲୋଚନାଚକ୍ର

**ଛତ୍ରପୁର,୪।୫(ସମିସ):** ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜଉଗଡ ସଭାଗୃହ, ଜିଲ୍ଲା ପରିଷଦ, ଗଞ୍ଜାମ ପରିସରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଘରୋଇ ହିଂସା ବିରୁଦ୍ଧରେ ସମ୍ପ୍ରଦାୟ ଭିତ୍ତିକ ନେତୃତ୍ୱକାରୀ ଅଂଶୀଦାର ମାନଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଦିପ୍ତିମୟୀ ମିଶ୍ର, ଗଞ୍ଜାମ ପୁଲିସ୍ ଜିଲ୍ଲାର ଡିଏସ୍‌ପି ଗିରିଜା ପ୍ରସାଦ ପଟ୍ଟନାୟକ, ସମାଜସେବୀ ତଥା ସ୍ତମ୍ଭକାର ପ୍ରଶାନ୍ତ କୁମାର ଶତପଥୀ ଏବଂ ମହିଳାଙ୍କ ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ, ଅଙ୍ଗନବାଡ଼ି ଦିଦି, ଜେଣ୍ଡର ସଂଯୋଜିକା, ବିଭିନ୍ନ ଏନଜିଓ ଗଞ୍ଜାମ ଓ ଗଜପତିର ପ୍ରବନ୍ଧକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଭାଗଙ୍କ ସୁରକ୍ଷା ଅଧିକାରୀ, ପ୍ରେରଣା ଦିଦି,



ସମାଜ ସେବକ, ପୀଡ଼ିତା, ଆଶା ଦିଦି, ମେଡିକାଲ୍ ଅଫିସର୍, ଶକ୍ତି ସଦନର ଅଧିକ୍ଷକ, ସଖୀ କେନ୍ଦ୍ରର ସଂଯୋଜିକା, ମନ୍ଦିର ପୂଜକ, ପ୍ରମୁଖ ବରିଷ୍ଠ ସାମ୍ବାଦିକ ମାନେ ଯୋଗଦେଇ ଘରୋଇ ହିଂସା ଏବଂ ଯୌତୁକ ନିରୋଧ ଆଇନ୍ ବାବଦରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ମତ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମକୁ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା, ରାଜ କିଶୋର ପଣ୍ଡା ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷକ ଶ୍ରୀକାନ୍ତ ସାହୁ ପରିଚାଳନା କରିଥିଲେ । ପରିଶେଷରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁକୁଡାଖଣ୍ଡି,୪।୫(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲା, ବ୍ଲକ, ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ କୁକୁଡାଖଣ୍ଡି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବନ୍ଦନା ସେଠୀ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଏଇ ଅନୁରାଗ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତ ବାସୀଙ୍କ ଅଭିଯୋଗ ଶୁଣି ଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଦିଗପହଣ୍ଡି ଅତିରିକ୍ତ ବିଡ଼ିଓ ଉମେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ବହୁଳ କାମରାଖାଲି, ଗୁଣ୍ଡିରିଗୁଡ଼ା ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ପହଞ୍ଚି ପଞ୍ଚାୟତ ସଦର ମହକୁମା ଖମାରି ଗାଁ ଠାରୁ ଜନଜାତି ବହୁଳ ଗାଁ ଗୁଡ଼ିକୁ ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତି କରଣ ଏବଂ ଗ୍ରାମ ନିକଟ ଘାଇ, ଝରଣା ଗୁଡିକରେ ଆନିକଟ ପ୍ରକଳ୍ପ ନିର୍ମାଣ କରାଯାଇ ଚାଷଜମି ଗୁଡ଼ିକୁ ଜଳସେଚନ ପାଇଁ ଦାବି ଜଣାଇଥିଲେ । କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ , ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁପ୍ତେଶ୍ୱରୀ ମଣ୍ଡଳ, ଏଡିଓ ଶିବ କୁମାର ସାହୁ, ସମିତି ସଭ୍ୟ ପ୍ରତିନିଧି ଭଗବାନ ମହାପାତ୍ର, ଯୋଗାଣ ସହାୟକ ସୁଶାନ୍ତ ମିଶ୍ର, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥ, ସହକାରୀ ମତ୍ସ୍ୟ ଅଧିକାରୀ ଜୟଭଦ୍ର ମହାରଣା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ମନୋଜ ମହାରଣା, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଲଡୁ କିଶୋର ବେହେରା, ଘୋଡାହାଡ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ. କ୍ଷୀରୋଦ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସେଠୀ, ମୃତ୍ତିକା ସଂରକ୍ଷଣ ପରାମର୍ଶଦାତା ଜଗଦୀଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମା’ରାମାୟାଣାମ୍ମା ଭଜନ ଲୋକାର୍ପିତ

**ଛତ୍ରପୁର,୪।୫(ସମିସ):** ଛତ୍ରପୁରର ଆରାଧ୍ୟ ଦେବୀ ମା’ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଯାଇଛି । ବିଳମ୍ବିତ ରାତ୍ରରେ ମାଙ୍କ ଆଜ୍ଞାମାଳ ଆସିବା ପରେ ମା’ବାପଘର ଅଭିମୁଖେ ବାହାରିଛନ୍ତି । ମା’ଙ୍କ ମହିମାର ପ୍ରଚାର ପ୍ରସାର ଲାଗି ଜୟ ଜୟ ମା’ରାମାୟାଣାମ୍ମା ନାମକ ଏକ ଭଜନ ଗୀତ ଲୋକାର୍ପିତ ହୋଇଯାଇଛି । ଏସ୍‌ଆର୍ ଭିଜନ ଦ୍ୱାରା ଲୋକାର୍ପିତ ଏହି ଭଜନକୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ କଣ୍ଠଦାନ କରିଥିବା



ବେଳେ ଆଦିନନ୍ଦ ସେଠି ଗୀତ ଲେଖିଥିଲେ । କୁମାର ତାପସ ଏହାକୁ ସଙ୍ଗୀତ ପ୍ରଦାନ କରିଥିବା ବେଳେ ସମୀର କୁମାର ବେହେରା ଓ ରିତେଶ କୁମାର ସେନାପତି ପ୍ରଜୋଜନା କରିଥିଲେ । ଏହି ଗୀତ ରିଲିଜ ହେବାରେ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ସୁବ୍ରତ ସେନାପତି ସହଯୋଗ କରିଥିବା ବେଳେ ଏହି ଭଜନକୁ ଆଜି ଛତ୍ରପୁର ସ୍ଥିତ ମା’ ରାମାୟାଣାମ୍ମାଙ୍କ ମନ୍ଦିର ପରିସରରେ ଆଜି ଲୋକାର୍ପିତ କରାଯାଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁଭଆରମ୍ଭ କରିଥିବା ବେଳେ ଯୁବନେତା ସଂଜିତ କୁମାର ରାଉଳ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବାପି ଦାସ, ଅରୁଣ ଶତପଥି, ମନ୍ଦିର କମିଟିର ସମ୍ପାଦକ ବି. ଶ୍ରୀନିବାସ, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ନୃତ୍ୟ ଗୁରୁ ମଧୁସ୍ମିତା ପଟ୍ଟନାୟକ, ରାମେଶ୍ୱର ପଣ୍ଡା, କେ. ଚନ୍ଦ୍ର ଶେଖର, ସୁମନ ପଟ୍ଟନାୟକ, ମନୋଜ ଆଚାର୍ଯ୍ୟଙ୍କ ସହ ସ୍ଥାନୀୟ କଳାକାର, ବୁଦ୍ଧିଜୀବୀ ଏବଂ ମହିଳା ଉପସ୍ଥିତ ଥିଲେ ।

## ପୂଜା ସ୍ୱାଇଁ ପୁରୁଷୋତ୍ତମପୁର ବ୍ଲକ ଟପ୍ପର

**ପୁରୁଷୋତ୍ତମପୁର,୪।୫(ସମିସ):** ପୁରୁଷୋତ୍ତମପୁର ବ୍ଲକରେ ଚଳିତବର୍ଷର ମାଟ୍ରିକ୍ ପାସ ହାର୍ ୯୯ ପ୍ରତିଶତ ରହିଛି । ବ୍ଲକର ମୋଟ ୨୯ଟି ହାଇସ୍କୁଲର ଦୁଇ ହଜାର ଛାତ୍ରଛାତ୍ରୀଙ୍କ



ମଧ୍ୟରୁ ୧୯୭୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରେ ଟଙ୍କାଛାଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ସ୍ୱାଇଁ ସର୍ବାଧିକ ୫୫୭ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି । ସେହିପରି ପ୍ରତାପୁର ଆର୍‌ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିପସା ବେହେରା ୫୫୦ ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ୫୪୦ ନମ୍ବର ୫ଜଣ ଛାତ୍ରଛାତ୍ରୀ ରଖି ତୃତୀୟ ସ୍ଥାନ ରହିଛନ୍ତି ।

# ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ



**ଛତ୍ରପୁର,୪।୫(ସମିସ):** ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିଶୁ ବାଟିକା ସଂଭାଗ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ପରିଚାଳାନା ସମିତି ସଭାପତି ପଦ୍ମଚରଣ ସାହୁ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ସଂକୁଳ ପ୍ରମୁଖ ଡ଼ଃ ଜେ.କୁର୍ମା ରାଓ, ଦ୍ୱିତୀୟ ଦିବସରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଅଜୟ କୁମାର ତ୍ରିପାଠୀ, ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ମାଷ୍ଟର ଟ୍ରେନର ଭାବେ ଯୋଗଦେଇଥିଲେ । ସେହିପରି ବିଦ୍ୟାଳୟର ସଦସ୍ୟ ରାମପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସଂକୁଳର ପ୍ରଧାନାଚାର୍ଯ୍ୟ ମାନଙ୍କ ମଧ୍ୟରେ ଶ୍ରୀଧର ପ୍ରଧାନ, ଏମ.ଲିଙ୍ଗରାଜ ରେଡ୍ଡୀ, ତ୍ରିନାଥ ନାୟକ, ଅନୀତା ପାତ୍ର, ଦଣ୍ଡପାଣି ସାହୁ ଯୋଗଦେଇଥିଲେ ।

## ସ୍ୱାସ୍ଥ୍ୟ ବିଭାଗ ଅମଲା କ୍ୟାଡ଼ରଙ୍କ ପ୍ରତି ପ୍ରଶାସନିକ ଅବହେଳା

# ନୂଆ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ପାଇଁ ଦାବି

**ଦିଗପହଣ୍ଡି,୪।୫(ସମିସ):**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ଏହାର ପରିଚାଳନା ଭାର ସମ୍ଭାଳୁଥିବା ସ୍ୱାସ୍ଥ୍ୟ ବିଭାଗ ଅମଲା କ୍ୟାଡର ବୃନ୍ଦ ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଗତ ପ୍ରାୟ ୪୦ ବର୍ଷ ଧରି କ୍ୟାଡର ପୁନର୍ଗଠନ କରାଯାଇ ନଥିବାରୁ ସ୍ୱାସ୍ଥ୍ୟ ବିଭାଗର ଅନେକ ଅମଲା ମାନସିକ ଓ ଆର୍ଥିକ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି । ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ୧୯୯୯ ମସିହାର ନିର୍ଦ୍ଦେଶନାମା ନଂ-୧୧୯୪୫ ଅନୁଯାୟୀ, ଜଣେ କନିଷ୍ଠ କିରାଣୀ ସର୍ବାଧିକ ୬୦ଟି ଫାଇଲ୍ ପରିଚାଳନା କରିବା କଥା । ୧୯୯୫ ମସିହା ପରଠାରୁ ସ୍ୱାସ୍ଥ୍ୟ ବିଭାଗରେ ଅନ୍ୟ ସମସ୍ତ ବର୍ଗର ପଦବୀ ୭ ରୁ ୮ ଗୁଣ ବୃଦ୍ଧି ପାଇଥିବା ବେଳେ ସ୍ୱାସ୍ଥ୍ୟ ଅମଲା କ୍ୟାଡର ର ଗୋଟିଏ ହେଲେ ପଦବୀ ବଢ଼ାଯାଇ ନାହିଁ । ଫଳରେ କର୍ମଚାରୀମାନେ ଅତ୍ୟଧିକ କାର୍ଯ୍ୟଭାରରେ ଚାପି ହୋଇ ରହୁଛନ୍ତି । ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ୧୫.୦୩.୨୦୨୪ ରେ ନୂତନ କ୍ୟାଡ଼ର ପୁନର୍ଗଠନ ପାଇଁ ଆଦେଶ ନଂ-୮୮୯୮ ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ଏହାକୁ କାର୍ଯ୍ୟକାରୀ ହୋଇନି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ଅମଲା ମାନଙ୍କ ଦୀର୍ଘ ଦିନର ସମସ୍ୟା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ । ସାଧାରଣ ପ୍ରଶାସନ ବିଭାଗର ନୂତନ ନିର୍ଦ୍ଦେଶନାମା ନଂ-୮୮୯୮/୨୪ କୁ କାର୍ଯ୍ୟକାରୀ କରିବା ଏବଂ କ୍ୟାଡର ପୁନର୍ଗଠନ କରିବା ନିତାନ୍ତ ଜରୁରୀ ବୋଲି ଓଡ଼ିଶା ଅମଲା ସଂଘର ଅନ୍ୟତମ ସଙ୍ଗଠନ ଓଡ଼ିଶା ସ୍ୱାସ୍ଥ୍ୟ ଅମଲା ମଞ୍ଚର ଅଧ୍ୟକ୍ଷ, ଆବାହକ ଓ ସମସ୍ତ ସଦସ୍ୟଙ୍କ ସହିତ ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ତଥା ଗଞ୍ଜାମ ଜିଲା ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କନିଷ୍ଠ ସହାୟକ ରବି ପ୍ରସାଦ ପାତ୍ର ଦାବି କରିଛନ୍ତି । ଦିଗପହଣ୍ଡି ବ୍ଲକ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କନିଷ୍ଠ ସହାୟକ ରବି ପ୍ରସାଦ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଆସୁଥିଲେ ସୁଦ୍ଧା ବିଭାଗୀୟ ଅବହେଳା ଯୋଗୁଁ ତାଙ୍କ ଭଳି ଜଣେ ପ୍ରତିଭାବାନ କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ ରଖାଯିବା ସମସ୍ତଙ୍କୁ ଚକିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି । ଜଣେ ଜୁନିୟର ଆସିଷ୍ଟାଣ୍ଟ ଭାବେ ଅତ୍ୟଧିକ କାର୍ଯ୍ୟଭାର ଓ କୋଟି କୋଟି ଟଙ୍କାର ଆର୍ଥିକ କାରବାର ମଧ୍ୟରେ ବି ସେ ସବୁବେଳେ ନିଜର ସ୍ୱଚ୍ଛତା ବଜାୟ ରଖିଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ଜଣେ ଦାୟିତ୍ୱବାନ କର୍ମଚାରୀଙ୍କୁ ନିଜର ନ୍ୟାର୍ଯ୍ୟ ହକ୍ ପାଇଁ ସଂଘର୍ଷ କରିବାକୁ ପଡୁଛି । ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱଥି ଏସ. ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏଥିପ୍ରତି ଦୃଷ୍ଟି ଦେବାକୁ ଓଡିଶା ସ୍ୱାସ୍ଥ୍ୟ ଅମଲା ମଞ୍ଚ ପକ୍ଷରୁ ଦାବି ହୋଇଛି ।

# ବିଜେପିର ବିଜୟ ଉତ୍ସବ ପାଳନ



**ଜି.ଉଦୟଗିରି,୪।୫(ସମିସ):** ପଶ୍ଚିମବଙ୍ଗରେ ବିଜେପି ବିପୁଳ ବିଜୟ ସହିତ ସରକାର ଗଠନ କରିବାକୁ ଯାଉଛି । ଏଥିପାଇଁ ଦେଶ ସାରା ଆଜି ବିଜୟ ଉତ୍ସବ ପାଳନ ହେଉଥିବା ବେଳେ ଜି.ଉଦୟଗିରି ବ୍ଲକ ଓ ନଗର ବିଜେପି ତରଫରୁ ସ୍ଥାନୀୟ ଗାନ୍ଧୀ ଛକରେ ବିଜୟ ଉତ୍ସବ ପାଳନ କରାଯାଇଛି । ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ବିରାଜ କହଁର, ନଗର ସଭାପତି ଭେଙ୍କଟେଶ୍ୱର ବେହେରା, ପ୍ରିୟବ୍ରତ ସାହୁ, ଲକ୍ଷ୍ମଣ ଆଚାର୍ଯ୍ୟ, ଜ୍ଞାନଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ସୁସ୍ମିତା ଜେନା, ଅଶୋକ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟଙ୍କ ସହିତ ବିଜେପି କାଉନସିଲର ଉପସ୍ଥିତ ରହି ଆତସବାଜି ଫୁଟାଇ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ ।

## ବାଇକ ଦୁର୍ଘଟଣାରେ ଜଣେ ଆହତ

ବ୍ରାହ୍ମଣୀଗାଁ,୪।୫(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ୩ କି.ମି ଦୂର ପୁଇଗୁଡ଼ା ମୋଡ଼ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସି. ଏଚ୍. ଆନନ୍ଦ ରାଓ ତାଲିମ କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ଯାଇ ବାଇକରେ ଫେରୁଥିବା ସମୟରେ ଆଜି ଅପରାହ୍ନରେ ସମ୍ମୁଖରୁ ଆସୁଥିବା ଏକ କାର୍‌କୁ ଦେଖି ଭୟରେ ନିୟନ୍ତ୍ରଣ ହରାଇ ତଳେ ପଡ଼ି ଯାଇଥିଲେ । ଏଥିରେ ସେ ଆହତ ହୋଇଥିଲେ। ଖବର ପାଇ ବ୍ରାହ୍ମଣୀଗାଁ ପୁଲିସ ତାଙ୍କୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ବାଇକକୁ ଜବତ କରି ତଦନ୍ତ କରୁଛି।

## ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ



ମୋହନା,୪।୫(ସମିସ): ମୋହନା ବ୍ଲକ୍ ଅନ୍ତର୍ଗତ ଚାନ୍ଦିପୁଟ ସ୍ଥିତ ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ଷଡଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ଼. ରାମାନୁଜ ଆଚାର୍ଯ୍ୟଙ୍କ ଠାରୁ ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଯୁକ୍ତ ତିନି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ଉପସ୍ଥିତିରେ ଏସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନ ଅଧ୍ୟକ୍ଷ ଆସନରେ ଉପବିସନ ପୂର୍ବରୁ ଅନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଆର୍ପଣ ଦୀପ ପ୍ରଜ୍ୱଳନ କରିଥିଲେ ନୂତନ ଅଧ୍ୟକ୍ଷ। ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ନୂତନ ଅଧ୍ୟକ୍ଷ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ବୁଦ୍ଧ ପୂର୍ଣ୍ଣିମା ପାଇଁ ଅଷ୍ଟ ପ୍ରହର ନାମଯଜ୍ଞ



ଜି.ଉଦୟଗିରି,୪।୫(ସମିସ): କୁର୍ମିଙ୍ଗିଆରେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ବନବାସୀ ସନ୍ଥ ଉଦୟ ଆବା ଯୋଗ ଦେଇଥିବା ବେଳେ ଯଜ୍ଞ ସଭାପତି ଦିନବନ୍ଧୁ ପ୍ରଧାନ, ଉପସଭାପତି ଧୀରେନ୍ଦ୍ର ପ୍ରଧାନ, ସମ୍ପାଦକ ବନବାସ ସାହୁ, ମାୟାବନ୍ଧୁ ପ୍ରଧାନ, ଉଦେଶନ ପ୍ରଧାନ, ମଦନ ପ୍ରଧାନ, ବବେକାନନ୍ଦ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ, ମହନ୍ଧା ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ନରତମ୍ ପ୍ରଧାନ ଓ ବହୁ ସଂଖ୍ୟାରେ ଧର୍ମପ୍ରେମୀ ଯୋଗ ଦେଇଥିଲେ।

## ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା

ଟିକାବାଲି,୨।୫(ସମିସ): ଟିକାବାଲି ଏଏମସିଏସ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ଅବସର ଗ୍ରହଣ ଅବସରରେ ଏକ ଭବ୍ୟ ଷଷ୍ଠି ପୂର୍ତ୍ତି ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମା' ଭୈରବୀ କଲ୍ୟାଣ ମଣ୍ଡପରେ "ଷଷ୍ଠି ପୂର୍ତ୍ତି ସମ୍ବର୍ଦ୍ଧନା ସମିତି' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ତଥା ସମ୍ବର୍ଦ୍ଧନା ସମିତି ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ହୋଇଥିଲା। ଏହି ଅବସରରେ ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱକୁ ନେଇ ରଚିତ ସ୍ମୃତି ଗ୍ରନ୍ଥ "ଅନ୍ୱେଷା ଅରୁଣିମା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ



ବେହେରା ମୁଖ୍ୟଅତିଥି , ସମ୍ମାନିତ ଅତିଥି ଭାବେ ଖଜୁରୀପଡ଼ା ବିଡ଼ିଓ ଦତ୍ତାତ୍ରେୟ ବାହିନୀପତି, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, କଟକ ସିଡିଭିଓ ଡା. ସୁଶାନ୍ତ କୁମାର ନାୟକ, ରାଜ୍ୟ ଏସି ମୋର୍ଚ୍ଚା ଉପସଭାପତି ରାମବିଶ ଦିଗାଲ, ଡ.ରମେଶ ପ୍ରଧାନ, ଡ.ତ୍ରିଲୋକ୍ୟ ସେନାପତି ଓ ସମ୍ବର୍ଦ୍ଧନା ସଭାର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ମଞ୍ଚାସୀନ ଥିଲେ। ସଭାରେ କନ୍ଧମାଳ ସମେତ ଗଞ୍ଜାମ, ନୟାଗଡ଼, କୋରାପୁଟ ଓ ଗଜପତି ଜିଲ୍ଲାରୁ ବହୁ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ଟିକାବାଲି କଲେଜର ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ।

### ତୁମୁଡିବନ୍ଧ ପୁଲିସର ସଫଳତା

# ପାଟ୍ରୋଲିଂ ବେଳେ ଜଙ୍ଗଲରୁ ୭ ଦେଶୀ ବନ୍ଧୁକ ଜବତ

ତୁମୁଡିବନ୍ଧ/ବାଲିଗୁଡ଼ା,୪।୫(ସମିସ)



ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ କାଡାପାନା ଜଙ୍ଗଲରେ ଗତକାଲି ଶିକାରୀ ଗୁଳିରେ ଶିକାରୀ ମୃତ ଘଟଣାର ଖବର ପ୍ରସାରଣର ମାତ୍ର କିଛି ଘଣ୍ଟା ବ୍ୟବଧାନ ପରେ ତୁମୁଡିବନ୍ଧ ପୁଲିସକୁ ମିଳିଛି ବଡ ସଫଳତା । ପାଟ୍ରୋଲିଂ ବେଳେ ମୁଣ୍ଡିଗଡ଼ ପଞ୍ଚାୟତର ଲଦର ଗାଁ ନିକଟ ଜଙ୍ଗଲର ଏକ ଗଛ ତଳେ ୭ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ପୋତାଯାଇଥିବା ବିଷୟରେ କୌଣସି ସୂତ୍ରରୁ ଖବର ପାଇ ଖୋଳି ଜବତ କରିଥିଲା । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନଥିବା ବେଳେ ଶିକାର ନିମନ୍ତେ କେହି ଶିକାରୀ ଏହି ବନ୍ଧୁକ ଏଠାରେ ରଖିଥାଇପାରନ୍ତି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତୁମୁଡିବନ୍ଧ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଏହାର ତଦନ୍ତ ଜାରି ରଖିଛନ୍ତି । ବାରମ୍ବାର ଅଞ୍ଚଳରେ ଦେଶୀ ବନ୍ଧୁକ ଜବତ କିମ୍ବା ଦେଶୀ ବନ୍ଧୁକରେ ଶିକାରକୁ ଯିବା ପରିଲିକ୍ଷିତ ହେଉଥିବାରୁ ବିନା ଲାଇସେନ୍ସର ଦେଶୀ ବନ୍ଧୁକ ତୁମୁଡିବନ୍ଧ ଏବଂ ବେଲଘର ଥାନା ଅଞ୍ଚଳରେ ମହଜୁଦ ରହିଥିବା ପୁଲିସ ଅନୁମାନ କରୁଛି। ପ୍ରଶ୍ନ ଉଠୁଛି ଏତେ ସବୁ ଦେଶୀ ବନ୍ଧୁକ କେଉଁଠୁ ଆସୁଛି ନା ଏହି ଅଞ୍ଚଳରେ ଲୁକାୟିତ ଭାବେ କେଉଁଠି ଦେଶୀ ବନ୍ଧୁକ ତିଆରି କାରଖାନା ରହିଛି ତାହା ଏବେ ପ୍ରଶ୍ନ ହୋଇଛି? ତଦନ୍ତ ପରେ ତାହାର ଟେର୍ ପୁଲିସ ପାଇବ କି ବୋଲି ମଧ୍ୟ ପ୍ରଶ୍ନ ହେଉଛି। ପୁଲିସ ବନ୍ଧୁକ ଜବତ କରି ବାହାବା ନେଇ କେଶ୍ କ୍ଲୋଜ କରିବେ ନା ତଦନ୍ତ ନାଁ ରେ ଦିନ ପରେ ଦିନ ଗଡେଇ ଚାଲିବେ ତାହା ତୁମୁଡିବନ୍ଧ ଅଞ୍ଚଳର ବିଭିନ୍ନ ଛକ ବଜାରରେ ଚର୍ଚ୍ଚା ଜୋର ଧରିଛି । କାରଣ ତୁମୁଡିବନ୍ଧ ଥାନାରେ ଅନେକ ମାମଲା ରହିଛି ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ନାଁ ରେ ଦିନ ଗଡୁଛି କିନ୍ତୁ ପୁଲିସ କୋଣସି ଠୋସ ପ୍ରମାଣ ପାଇପାରିନି। ଏଠାରେ ପ୍ରକାଶ ଯୋଗ୍ୟ ଗତ ମାସ ୨୮ ତାରିଖରେ ସିର୍ଲା ଜଙ୍ଗଲରୁ ଶିକାର କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତୁମୁଡିବନ୍ଧ ବନବିଭାଗ ଦ୍ୱାରା ୪ ଶିକାରୀ ଗିରଫ ସହିତ ୪ ବନ୍ଧୁକ, ଏକ ମଟର ସାଇକଲ ଓ ୨୪ ଜୀବନ୍ତ ଗୁଳି ଜବତ କରାଯାଇଥିଲା। ଏଥିସହ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଗତ କିଛି ଦିନ ମଧ୍ୟରେ ୧୩ ଦେଶୀ ବନ୍ଧୁକ ଜବତ ହୋଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୫ ଆହତ

ମୋହନା/ପାରଳାଖେମୁଣ୍ଡି, ୪।୫(ସମିସ): ଆର୍.ଉଦୟଗିରି ବ୍ଲକ ରାମଗିରି ସ୍ଥିତ କୃଷି ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ୨ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତରଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ କନ୍ୟା ଥିବା ଜଣାପଡିଛି । ଘଟଣା ସ୍ଥଳରେ ରାମଗିରି ପୁଲିସ୍ ପହଞ୍ଚି ଆହତଙ୍କୁ ମେଡ଼ିକାଲରେ ପହଞ୍ଚାଇବା ସହ ୨ ବାଇକ ଜବତ କରଛି। ପୁଲିସ ଏସମ୍ପର୍କରେ ଅଧିକ ତଦନ୍ତ କରୁଛି। ମିଳିଥିବା ସୂଚନା ପ୍ରକାରେ ପାତ୍ରବସା ଗ୍ରାମର ଗୋଟିଏ ପରିବାରର ଶିଶୁ କନ୍ୟା ସହିତ ୩ ଜଣ ଏକ ବାଇକରେ ରାମଗିରି ନିକଟ ଦଶିରାମପୁର ଗ୍ରାମରେ ଏକ ବିହାଘର ଭୋଜି ଖାଇବାକୁ ଯାଇ ଫେରୁଥିବା ସମୟରେ ବିପରୀତ ଦିଗରୁ ଖାରିପଦା ଗ୍ରାମର ୩ ଜଣ ଯୁବକ ମୋଟର ସାଇକେଲ ଯୋଗେ ସେହି ଦାଶିରାମପୁର ଗ୍ରାମକୁ ଭୋଜି ଖାଇବାକୁ ଯାଉଥିବା ବେଳେ ରାମଗିରି ସ୍ଥିତ କୃଷି ଉଦ୍ୟାନ ନିକଟରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତ ଆହତଙ୍କୁ ପୁଲିସ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ରାମଗିରି ପ୍ରାଥମିକ ଚିକିତ୍ସାଳୟକୁ ନିଆଯାଇଥିଲା। ଦୁର୍ଘଟଣା ସ୍ଥଳରେ ଆର.ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତର ପାତ୍ରବସା ଗ୍ରାମର ଜୁନେସ ଶବରଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଥିବା ପାତ୍ରବସା ଗ୍ରାମର ସୂର୍ଯ୍ୟବତୀ ଶବର(୧୮), ରୁକ୍ମଣୀ ଶବର(୫), ସରସ୍ୱତୀ ଶବର (୧୬) ଓ ଅବାରସିଂ ପଞ୍ଚାୟତ ଖାରିପଦା ଗ୍ରାମର ଶତ୍ରୁଘ୍ନ ରଇତ, ଗଣନାଥ ରଇତ, ଶିବରାମ ରଇତ ବୋଲି ପରିଚୟ ମିଳିଛି । ଡା. ସୁବ୍ରତ କୁମାର ସାହୁ ଓ ଶ୍ରୀଧର ସାହୁ ପ୍ରାଥମିକ ଚିକିତ୍ସା କରି ଖାରିପଦା ଗ୍ରାମର ଶତ୍ରୁଘନ ରଇତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିବା ବେଳେ ଅନ୍ୟ ଗୁରୁତର ଆହତ ୫ ବର୍ଷର ଶିଶୁ କନ୍ୟା ରୁକ୍ମିଣୀ ଶବର , ସୂର୍ଯ୍ୟବତୀ ଶବର ଓ ସରସ୍ୱତୀ ଶବରଙ୍କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରିବାପାଇଁ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ପ୍ରାଇଭେଟ ବୋଲେରୋ ଗାଡି ଭଡା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପରିବାର ଲୋକ ନେଇଛନ୍ତି। ଏ ନେଇ ରାମଗିରି ଥାନାରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଡି. ଗଜପତି ଦୋରା ସୂଚନା ଦେଇଛନ୍ତି।

## ବାଲ୍ୟବିବାହ ରୋକିଲା ଚାଇଲଡ଼ ହେଲ୍ପଲାଇନ



ପାରଳାଖେମୁଣ୍ଡି,୪।୫(ସମିସ): ଗୁମ୍ମା ବ୍ଲକ ପରିଡା ପଞ୍ଚାୟତର ଗୋଟିଏ ବାଲ୍ୟ ବିବାହ ହେବାକୁ ଯାଉଥିବା ଗଜପତି ଜିଲ୍ଲା ଚାଇଲଡ଼ ହେଲ୍ପଲାଇନକୁ ଖବର ମିଳିଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯିବା ପରେ ଏକ ଦଳ ଗଠନ କରାଯାଇଥିଲା। ଗୁମ୍ମା ବ୍ଲକ ଆସିଡିଏସର ସିଡିପିଓ, ଡିସିପିୟୁର ସଦସ୍ୟ, ଚାଇଲଡ଼ ହେଲ୍ପ ଲାଇନର କେଶ ୱର୍କର, ସଖୀକେନ୍ଦ୍ରର ସଦସ୍ୟା, ଆଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟା, ଗାଇବା ଫାଣ୍ଡି ପୁଲିସ ଦଳରେ ରହିଥିଲେ। ଦଳ ବାଲ୍ୟ ବିବାହ ହେଉଥିବା ସ୍ଥାନରେ ପହଁଞ୍ଚିଥିଲା। ଟିମ୍ ପହଞ୍ଚିବା ପୂର୍ବରୁ ବିବାହ କାର୍ଯ୍ୟ ପାଇଁ ଆସିଥିବା ପୁରୋହିତ ଜଣକ ଝିଅର ବିବାହ ପାଇଁ ପ୍ରକୃତ ବୟସ ହୋଇନି ବୋଲି ଜାଣିପାରି ବିବାହ ମଣ୍ଡପ ଛାଡି ପଳାଇଥିଲେ। ପୁରୋହିତଙ୍କ ଏପରି କାର୍ଯ୍ୟ ଜିଲ୍ଲାରେ ପ୍ରଥମ ବୋଲି କୁହାଯାଇଛି। ସମସ୍ତ ପୁରୋହିତ ଏଭଳି ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । ଏହାପରେ ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ତରଫରୁ ରୋକାଯାଇଥିଲା। ନାବାଳିକା ଝିଅଙ୍କ ପରିବାରବର୍ଗଙ୍କୁ ବାଲ୍ୟ ବିବାହର ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ କୁହାଯାଇଥିଲା। ଝିଅର ବୟସ ୧୭ ବର୍ଷ ୯ମାସ ହୋଇଥିବାରୁ ବିବାହ ସ୍ଥାନରୁ ଉଦ୍ଧାର କରି ଶିଶୁ କଲ୍ୟଣ ସମିତିରେ ହାଜର କରାଯାଇଥିଲା । ଶିଶୁ କଲ୍ୟାଣ ସମିତି ଶିଶୁ ଓ ତାଙ୍କ ପରିବାର ସଦସ୍ୟଙ୍କ ଠାରୁ ସମସ୍ତ ବିଷୟ ପଚାରି ବୁଝିଥିଲେ। ପରେ ଶିଶୁ ଓ ତାଙ୍କ ପିତାମାତାଙ୍କୁ ବାଲ୍ୟ ବିବାହ ଏକ ଅପରାଧ ବିଷୟରେ ବୁଝାଇଥିଲେ। ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ବୋଲି ସଚେତନ କରାଯାଇଥିଲା। ପରିବାର ସଦସ୍ୟ ଏ ବିଷୟରେ ସଚେତନ ହୋଇଥିଲେ। ୧୮ ବର୍ଷ ପୂର୍ବରୁ ବିବାହ ଦେବେ ନାହି ବୋଲି ଲିଖିତ ଭାବରେ ଜଣାଇବା ପରେ ଝିଅକୁ ତାଙ୍କ ମାକୁ ହସ୍ତାନ୍ତର କରାଯାଇଥିଲା।

## ବୋମିକା ପଞ୍ଚାୟତରେ ଚାଷୀଙ୍କ ସମସ୍ୟା ନେଇ ବିଧାୟକଙ୍କ ଆଲୋଚନା



ଗୋଷାଣି,୪।୩(ସମିସ): ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ସଇଲଡା ଗ୍ରାମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଖବର ପାଇ ବିଧାୟକ ସେଇ ଗ୍ରାମକୁ ଯାଇଥିଲେ। ପ୍ରଥମେ ବିଧାୟକ ଗ୍ରାମର ଚାଷ ଜମିର ପରିସ୍ଥିତି କିଭଳି ଅଛି ଦେଖିଥିଲେ। ଏହାପରେ ଚାଷୀଙ୍କ ମୁଖ୍ୟ ସମସ୍ୟା ଖରା ଦିନରେ ପାଣି ସମସ୍ୟା ରହିଥିବାର ଉପଲବ୍ଧ କରିଥିଲେ। ପାଣି ଅଭାବ ଯୋଗୁଁ ଚାଷୀ ଦ୍ୱିତୀୟ ପର୍ଯ୍ୟାୟ ତଥା ରବି ଚାଷ କରିବାରୁ ବଞ୍ଚିତ ହେଉଥିବା ନେଇ ଚାଷୀଙ୍କ ସହ ଆଲୋଚନା ବେଳେ ଜାଣିବାକୁ ପାଇଥିଲେ। ଏହି ସ୍ଥାନରେ କେନାଲବନ୍ଧ ନିର୍ମାଣ କରାଗଲେ ବର୍ଷସାରା ଚାଷ ଜମିରେ ପାଣିର ଅଭାବ ରହିବ ନାହିଁ ବୋଲି ଜଣାଇଥିଲେ । ସମସ୍ୟା ଶୁଣିବା ପରେ ବିଧାୟକ ଏ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇ ତୁରନ୍ତ ସମାଧାନ କରିବା ଲାଗି ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ. ବାଲାରାଜୁ ସହ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ ।

## ଜିଲ୍ଲାର ଦ୍ୱିତୀୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,୪।୫(ସମିସ): ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳରେ ଗଜପତି ଜିଲ୍ଲାର ଦ୍ୱିତୀୟ ଏବଂ ଗୋଷାଣି ବ୍ଲକ ଟପ୍ପର ଜି.ଚେତନାଙ୍କୁ ସୀମାନ୍ତ ଆନ୍ଧ୍ର ପୁରୁଣାପାଟଣାର ରାମାରାଜୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଜି ରାମାରାଜୁ ଚାରିଟେବୁଲ ଟ୍ରଷ୍ଟର ପାରାସେଲି ରାମାରାଜୁ ଚେତନାଙ୍କ ବାସଗୃହରେ ପହଞ୍ଚି ପୁଷ୍ପଗୁଚ୍ଛ, ମୋମେଣ୍ଟୋ ଓ କିଛି ଆର୍ଥିକ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହ ଚେତନାଙ୍କ ପରିବାର ଜେଜେମା, ଶିକ୍ଷକ ଦମ୍ପତି ପିତାମାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଜି.ଚେତନା ୫୫୦ ମାର୍କ ରଖି ଜିଲ୍ଲାର ଦ୍ୱିତୀୟ ଏବଂ ଗୋଷାଣି ବ୍ଲକର ଟପ୍ପର ହୋଇଛନ୍ତି । ଏହି ଅବସରରେ ରାମାରାଜୁ କହିଛନ୍ତି ଯେ ଚେତନାଙ୍କ ମାତା ପିତା ଉଭୟ ଶିକ୍ଷକ ଦମ୍ପତି ହୋଇଥିଲେ ହେଁ ନିଜ ଛୁଆକୁ କୌଣସି ବେସରକାରୀ ସ୍କୁଲରେ ନପଢାଇ ସରକାରୀ ସ୍କୁଲରେ ପଢାଇ ଏପରି କୃତିତ୍ୱ ହାସଲ କରିଥିବାକୁ ନେଇ ସମଗ୍ର ସୀମାନ୍ତ ଅଞ୍ଚଳ ଗର୍ବିତ। ସଭିଏଁ ସରକାରୀ ବିଦ୍ୟାଳୟରେ ପଢିବାକୁ ଆହ୍ୱାନ ଦେଇଛନ୍ତି। ଚେତନାଙ୍କ ମା ଖାରଡା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିବା ବେଳେ ତାଙ୍କ ବାପା ଜି. ଗୋବିନ୍ଦ ରାଜୁ ଚେତନା ପଢୁଥିବା ଗୋଷାଣି ବ୍ଲକ ଭୁଷୁକୁଡି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବି. ଜନାର୍ଦ୍ଦନ ରାଓ, ମେନକା ରାଓ, ଭୀମସେନ ପଣ୍ଡା, ରବି ନାରାୟଣ ଚୌଧୁରୀ ଉପସ୍ଥିତ ଥିଲେ ।

## ଦୁଃଖ ସରିବନି ମରିବା ଯାଏଁ ନାଟକ ମଞ୍ଚସ୍ଥ



ଫିରିଙ୍ଗିଆ,୪।୫(ସମିସ): ଫୁଲବାଣୀ ସଦର ବ୍ଲକ ଅନ୍ତର୍ଗତ ମିଣିଆଁ ପଞ୍ଚାୟତ ଅଡ଼ିଗାରର ଅଧିଷ୍ଠାତ୍ରୀ ଦେବୀ ମା ପିତାବଳୀଙ୍କ ବାର୍ଷିକ ଉତ୍ସବ ଅବସରରେ ମା ପିତାବଳି ଯୁବ ନାଟ୍ୟସାଂସଦର କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ଦୁଃଖ ସରିବନି ମରିବା ଯାଏଁ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦ ସଭାପତି ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ନାଟକର ଉଦଘାଟନୀ ଉତ୍ସବରେ ନିର୍ଦ୍ଦେଶକ ସୁବ୍ରତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ କାହ୍ନୁ ଚରଣ ପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ପୀତାବଳିଙ୍କ ମୁଖ୍ୟପୂଜକ ଟିଟୁ ପ୍ରଧାନ, ମିଣିଆଁ ସରପଞ୍ଚ ଗୌତମ ମଲିକ, ନାଏବ ସରପଞ୍ଚ ପୂର୍ଣ୍ଣିମା ପ୍ରଧାନ, ନାଟ୍ୟ ପରିଚାଳକ ବଳଭଦ୍ର ଦିଗାଲ, ମ୍ୟାନେଜର ଅଧୀରାଜ ପ୍ରଧାନ, ବରିଷ୍ଠ ସମାଜସେବୀ ପ୍ରଶାନ୍ତ କୁମାର ଦିଗାଲ, କଳାକାର ସଙ୍ଘ ସଭାପତି ବିଶ୍ୱମ୍ବର ପ୍ରଧାନ ଓ ଜିତୁ ଭୁକ୍ତା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା।

### ପଟ୍ଟନାୟକ ବନ୍ଧ ଉନ୍ନୟନ ନାମରେ ଦୁର୍ନୀତି

# ତଦନ୍ତ ପରେ ଫେରିଲା ଭିଜିଲାନ୍ସ ବୈଷୟକ ଟିମ୍

ପାରଳାଖେମୁଣ୍ଡି,୪।୫(ସମିସ): ପାରଳାଖେମୁଣ୍ଡିର ପଟ୍ଟନାୟକ ବନ୍ଧ ଉନ୍ନୟନ ନାମରେ ହୋଇଥିବା ଦୁର୍ନୀତି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ତିନିମାସ ପୂର୍ବେ ଭିଜିଲାନ୍ସ ଟିମ୍‌ର ପ୍ରଥମ ପର୍ଯ୍ୟାୟର ତଦନ୍ତ ପରେ ଗତ ୩ ଦିନ ପୂର୍ବେ ଏହାର ବୈଷୟିକ ଟିମ ପହଞ୍ଚି ଖୋଳାଖୋଳି କରି ପୁଣି ତଦନ୍ତ କରିଥିଲେ। ଆଜି ଟିମ୍ ସହ ଭିଜିଲାନ୍ସ ଦଳ ତଦନ୍ତ ସାରି ଫେରିଥିବା ଜଣାପଡିଛି। ତିନି ଦିନ ମଧ୍ୟରେ ସର୍ବେକ୍ଷଣ ତଥା ତଦନ୍ତ ପାଇଁ ପରିସରକୁ ସଫେଇ କରାଇ ବନ୍ଧର ଭିତରପଟର ପଥର ପ୍ୟାକିଂ କାମ, ସୁରକ୍ଷା ପାଚେରୀ କାର୍ଯ୍ୟ ଆଦିର ସ୍ଥାନେ ସ୍ଥାନେ ଖୋଳି ଦେଖିଛି ଭିଜିଲାନ୍ସ ଟିମ୍। ବନ୍ଧର ଉନ୍ନତି ପାଇଁ ପର୍ଯ୍ୟାୟ କ୍ରମେ ହୋଇଥିବା ଏଷ୍ଟିମେଟ୍ ପ୍ରକାରେ ପ୍ରତ୍ୟେକ କାମର ମାପଚୂପର ସବିଶେଷ ତଥ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ ପରେ ଦୁର୍ନୀତି କେତେ ପରିମାଣରେ ହୋଇଛି କି ନାହିଁ ତାହା ଉପରେ କାର୍ଯ୍ୟାନୁଷ୍ଠାନ କରିବ ଭିଜିଲାନ୍ସ। ଦ୍ୱିତୀୟ ପର୍ଯ୍ୟାୟରେ ବୈଷୟିକ ଟିମ୍ ସହ ଥିଲେ ତତ୍କାଳୀ ପୌରନିର୍ବାହୀ ଅଧିକାରୀ ଓ ପୌରଯନ୍ତ୍ରୀ । ସେମାନେ ଉପସ୍ଥିତ ରହି ବୁଲି ବୁଲି ଦେଖାଇଥିଲେ ହୋଇଥିବା କାମ। ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ସରକାର ଯଥା କ୍ରମେ ୧ କୋଟି ୮୬ ଲକ୍ଷ ୫ ହଜାର ଓ ୨୫ଲକ୍ଷ ଟଙ୍କା ଏପରି ଭାବେ ମୋଟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କୋଦ୍ଧାର, ରିଟର୍ଣ୍ଣିଂ ୱାଲ୍, କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା। ପୁନରୁଦ୍ଧାର ନାମରେ ଯେବେ ଠାରୁ କାମ ଆରମ୍ଭ ହେଲା ସେବେ ଠାରୁ ଏହାର ପତନ ମଧ୍ୟ ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ସମାପନ ହୋଇପାରି ନାହିଁ। ୧୫ ବର୍ଷରୁ ଅଧିକ ସମୟ ଧରି ଏହି ବନ୍ଧ ଲୋକଙ୍କ କୌଣସି ବି ଉପଯୋଗରେ ଆସୁନାହିଁ। ଏହାର ପୂତିମୟଗନ୍ଧ ଅଞ୍ଚଳର ପରିବେଶକୁ ଦୂଷିତ କରୁଛି। ଅନ୍ୟପକ୍ଷରେ ଏହି ବନ୍ଧରେ ମାଛ ଚାଷ କରି ରୋଜଗାର କରୁଥିବା ମତ୍ସ୍ୟଜୀବି ପରିବାରଙ୍କ ମଧ୍ୟ ପତନ ଘଟିଛି। କାମ ଅନ୍ୱେଷନରେ ସେମାନେ କିଏ କେଉଁଠି କାମ କରି ଗୁଜାରଣ ମେଣ୍ଟାଉଥିବାର ଜଣେ ପ୍ରାକ୍ତନ ମତ୍ସ୍ୟଜୀବୀ କହିଛନ୍ତି। ସେପଟେ ଭିଜିଲାନ୍ସ ର ତଦନ୍ତ ସମୟରେ ଭିଜିଲାନ୍ସ ଅଧିକାରୀ ଦୁର୍ନୀତି ସମ୍ପର୍କେ ଅନେକ ସୁରାଗ ମିଳିଥିବାକୁ ନେଇ ଦେଖଣାହାରୀଙ୍କ ମଧ୍ୟରେ ଆଲୋଚନା ହେଉଛି।

### ବାଇକକୁ ସାଇଡ ଦେବା ହେଲା କାଳ

# ଘାଟିରେ ଅଟୋ ଓଲଟି ୨ ଶିଶୁ ସହ ୭ ଆହତ



ଫିରିଙ୍ଗିଆ,୪।୫(ସମିସ): ଦ୍ରୁତଗତିରେ ଆସୁଥିବା ଏକ ବାଇକକୁ ସାଇଡ ଦେବାକୁ ଯାଇ ଘାଟି ରାସ୍ତାରେ ଏକ ଅଟୋ ଓଲଟି ପଡିବାରୁ ଡ୍ରାଇଭର ସହ ବସିଥିବା ପାଞ୍ଚ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି । ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡିଛି । ସେମାନଙ୍କ ମଧ୍ୟରେ ୨ଜଣ ଶିଶୁ ଓ ଜଣେ ନାବାଳିକା ଥିବା ସୂଚନା ମିଳିଛି। ସୂଚନା ଅନୁସାରେ ରବିବାର ଦିନ ୧୧ଟା ବେଳେ ଫିରିଙ୍ଗିଆ ଥାନା ରତଙ୍ଗ ଗାଁର ଗୋଟିଏ ପରିବାରର ୭ଜଣ ଏକ ଅଟୋରେ ଫିରିଙ୍ଗିଆ ଥାନା କସିନୀପଦର ପଞ୍ଚାୟତ ଗୁଡ଼ଗା ଗାଁକୁ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ଯାଉଥିବା ସମୟରେ ଫିରିଙ୍ଗିଆ ଗୋଛାପଡା ମୁଖ୍ୟ ରାସ୍ତାର ମାଝିପଡା ଘାଟି ନିକଟରେ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକକୁ ସାଇଡ ଦେବାକୁ ଯାଇ ଅଟୋ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଥିଲା । ଅଟୋରେ ବସିଥିବା ୭ ଜଣ ଯାତ୍ରୀଙ୍କ ମଧ୍ୟରୁ ଚାଳକଙ୍କ ସହ ଜଣେ ମହିଳା ଜଣେ ନାବାଳିକା, ଦୁଇଜଣ ଶିଶୁ ଓ ଜଣେ ବୃଦ୍ଧ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି । ଖବର ପାଇ ଫିରିଙ୍ଗିଆରୁ ଦମକଳ ବାହିନୀ ପହଞ୍ଚି ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସହ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତ ଗୁରୁତର ଆହତଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଟୋକୁ ଜବତ କରି ଥାନାକୁ ଆଣିବ ସହ ଅଧିକ ତଦନ୍ତ ଜାରି ରଖିଛି। ଗୁରୁତର ଆହତ ହେଲେ ରତଙ୍ଗ ଗାଁର ଅଟୋ ଡ୍ରାଇଭର ଯତୀନ୍ଦ୍ର କ୍ଷେତି, ତାଙ୍କ ସ୍ତ୍ରୀ ରିଙ୍କି କ୍ଷେତି, ରିମିଶା କ୍ଷେତି, କାବେରୀ ଖେତୀ ଓ ମାର୍କଣ୍ଡ ପାତ୍ର ବୋଲି ଜଣାପଡିଛି।

